# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 5 April - 2026

**********************************

## ମୁଖ୍ୟ ସମ୍ବାଦ

- ପୂର୍ବତଟ ରେଳ ଜୋନ୍ ଅଧୀନରୁ ଆନ୍ଧ୍ରପ୍ରଦେଶର ସାତଟି ଷ୍ଟେସନ ଅପସାରଣ କରାଯିବା ନେଇ ରେଳବାଇ ପକ୍ଷରୁ ସ୍ପଷ୍ଟୀକରଣ ଜାରି

- ରନ୍ଧନ ଗ୍ୟାସ୍ କାର୍ଡ ହିତାଧିକାରୀମାନେ କେବଳ ପାଇ ପାଇବେ ଗ୍ୟାସ୍ ସିଲିଣ୍ଡର ସୁବିଧା; ଯୋଗାଣ ବିଭାଗର ନିଷ୍ପତ୍ତି

- ବୈଶାଖ କୃଷ୍ଣପକ୍ଷ ଚତୁର୍ଥୀ ତିଥିରେ ଆସନ୍ତାକାଲି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ହେବ ପଇତାଲାଗି ନୀତି

- ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦିବସକୁ ସ୍ମରଣ କରି ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଆଜି ପାଳନ କରୁଛନ୍ତି ‘ଇଷ୍ଟର ସଣ୍ଡେ’

ଏବଂ

- କାଳବୈଶାଖୀ ପ୍ରଭାବରେ ଝଡବର୍ଷା ହେବା ନେଇ ରାଜ୍ୟର ସମସ୍ତ ଜିଲ୍ଲାକୁ ପାଣିପାଗ ବିଭାଗର ସତର୍କ ସୂଚନା

# ରେଳ ଜୋନ୍

ନବଗଠିତ ଦକ୍ଷିଣ ତଟ ରେଳ ଜୋନ୍‌ରେ କେତେକ ଷ୍ଟେସନ ମିଶାଯିବା ପରେ ରେଳବାଇ ପକ୍ଷରୁ ସ୍ୱଷ୍ଟୀକରଣ ଦିଆଯାଇଛି। ଆନ୍ଧ୍ରପ୍ରଦେଶର ୭ଟି ଷ୍ଟେସନ୍-ପଲାସା, ସୁମାଦେବୀ, ମାଣ୍ଡସାରୋଡ୍, ବାରୁଭା, ସମ୍‌ପେଟା, ଝାଡୁପୁଡି ଏବଂ ଇଚ୍ଛାପୁରମ୍ ରେଳଷ୍ଟେସନ୍‌କୁ ପୂର୍ବତଟ ରେଳବାଇ ଅଧୀନରୁ ଅପସାରଣ କରି ଦକ୍ଷିଣତଟ ରେଳ ଜୋନ୍‌ରେ ସାମିଲ କରାଯାଇଛି। ରେଳବାଇର ସ୍ୱଷ୍ଟୀକରଣ ଅନୁସାରେ, ବିଶାଖାପଟନମ୍ ଡିଭିଜନରେ ଯାତ୍ରୀସେବାକୁ ସୁଗମ ସୁନିଶ୍ଚିତ କରିବା ପାଇଁ ଏହା ଏକ ବୈଷୟିକ ସଂଶୋଧନ ବୋଲି କୁହାଯାଇଛି।

ଦକ୍ଷିଣ ତଟ ରେଳ ଜୋନ୍‌ରେ ଏହି ଷ୍ଟେସନ୍‌ଗୁଡ଼ିକ ସାମିଲ ହେବା ପରେ ମଧ୍ୟ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ବର୍ତ୍ତମାନ ଚାଲୁଥିବା ପଲାସା-ଭୁବନେଶ୍ୱର, ପଲାସା-କଟକ ଏବଂ ଇଚ୍ଛାପୁରମ୍-କଟକ ସମେତ ସମସ୍ତ ମେମୁ ଓ ଯାତ୍ରୀବାହୀ ସେବାରେ କୌଣସି ପରିବର୍ତ୍ତନ ହେବ ନାହିଁ, କିମ୍ବା ପୂର୍ବତଟ ରେଳବାଇର ରାଜସ୍ୱ ଆଦାୟରେ ପ୍ରଭାବିତ ହେବାର ସମ୍ଭାବନା ନାହିଁ। ଏହି ୭ଟି ଷ୍ଟେସନ ମୁଖ୍ୟତଃ ଯାତ୍ରୀ ପରିଚାଳନା କରିଥାଏ ଏବଂ ମାଲ ପରିବହନ ଷ୍ଟେସନ୍ ନୁହେଁ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ରେଳ ନେଟଓ୍ୱାର୍କ ସମ୍ପ୍ରସାରଣ, ଷ୍ଟେସନ୍‌ଗୁଡ଼ିକର ଆଧୁନିକୀକରଣ, ବନ୍ଦେ ଭାରତ ସେବା ଏବଂ ପୂର୍ବତଟ ରେଳବାଇ ଅଧୀନରେ ନବଗଠିତ

ରାୟଗଡ଼ା ଡିଭିଜନ ଆଦିରେ ରେକର୍ଡ ପୁଞ୍ଜିବ୍ୟୟ ଓଡ଼ିଶା ପ୍ରତି ରେଳବାଇର ପ୍ରତିବଦ୍ଧତାକୁ ଅତୁଟ ଦର୍ଶାଉଛି ବୋଲି ସ୍ପଷ୍ଟୀକରଣରେ କୁହାଯାଇଛି ।

## ପେଟ୍ରୋଲ-ଯୋଗାଣ ମନ୍ତ୍ରୀ

ରାଜ୍ୟରେ ଗ୍ୟାସ୍ ଓ ପେଟ୍ରୋଲର କୌଣସି ଅଭାବ ନାହିଁ । ରନ୍ଧନ ଗ୍ୟାସ୍ କଳାବଜାରୀକୁ ରୋକିବା ପାଇଁ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେଉଛନ୍ତି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଖୋଲା ବଜାରରେ ଗ୍ୟାସ୍ ବିକ୍ରି ବନ୍ଦ କରାଯାଇଥିବାବେଳେ ୫ କେ.ଜି. ଗ୍ୟାସ୍ ସିଲିଣ୍ଡର ବିକ୍ରି ବନ୍ଦ କରାଯାଇଛି ବୋଲି ମନ୍ତ୍ରୀ କହିଚନ୍ତି । ହିତାଧିକାରୀମାନଙ୍କ ପାଇଁ ଇ-କେୱାଇସି ବାଧ୍ୟତାମୂଳକ କରାଯିବ । ରନ୍ଧନ ଗ୍ୟାସ୍ କାର୍ଡ ହିତାଧିକାରୀମାନେ କେବଳ ଏହି ସୁଯୋଗ ପାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

**- V/O –**

## କ୍ୟାବିନେଟ୍

ଅନୁସୂଚିତ ଓ ଜନଜାତି ପଛୁଆବର୍ଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ରାଜ୍ୟର ମେଡିକାଲ, ଇଞ୍ଜିନିୟରିଂ ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ଚଳିତବର୍ଷଠାରୁ ସଂରକ୍ଷଣ ନୀତି ଲାଗୁ କରାଯିବ । କ୍ୟାବିନେଟ୍‌ର ନିଷ୍ପତ୍ତି ପରେ ପ୍ରତିକ୍ରିୟା ରଖି ମନ୍ତ୍ରୀ କହିଛନ୍ତି, ସଂରକ୍ଷଣ ବ୍ୟବସ୍ଥା ନାମଲେଖା କ୍ଷେତ୍ରରେ ଲାଗୁ ହେବା ସହିତ ଚାକିରି କ୍ଷେତ୍ରରେ ମଧ୍ୟ

ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ନବରଙ୍ଗପୁର ଜିଲ୍ଲା କଣ୍ଡାଗାଁ ରୋଡ୍ ବାଳିକା ଉଚ୍ଚ ବିଦ୍ୟାଳୟ ଛକଠାରେ ଆୟୋଜିତ ଏକ ସ୍ୱାଗତ ସମ୍ବର୍ଦ୍ଧନାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ ଏହା କହିଛନ୍ତି।

ରାଜ୍ୟ ସରକାର ମେଡିକାଲ, ଇଞ୍ଜିନିୟରିଂ ଅନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୨୨ ଦଶମିକ ୫ ପ୍ରତିଶତ ଏବଂ ଅନସୂଚିତ ଜାତି ଛାତ୍ରଛାତ୍ରୀଙ୍କ ପାଇଁ ୧୬ ଦଶମିକ ୨/୫ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ସହିତ ସାମାଜିକ ଓ ଆର୍ଥିକ ଭାବେ ପଛୁଆବର୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ୧୧ ଦଶମିକ ୨/୫ ପ୍ରତିଶତ ସଂରକ୍ଷଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

## ଖସାପଡା ନୀତି

ବୈଶାଖ କୃଷ୍ଣପକ୍ଷ ଚତୁର୍ଥୀ ତିଥିରେ ଆସନ୍ତାକାଲି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପଇତାଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଏହି ଗୁପ୍ତନୀତି ଅନୁଷ୍ଠିତ ହେବ। ଦଇତାପତି ଓ ଅନ୍ୟ ସେବକମାନଙ୍କ ଦ୍ୱାରା ଗୁପ୍ତନୀତି ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ହେବ। ଏହି ସମୟରେ ଶ୍ରୀଜୀଉମାନଙ୍କର ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଇଷ୍ଟର ପର୍ବ

ସମଗ୍ର ପୃଥିବୀରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଆଜି ଇଷ୍ଟର ସଣ୍ଡେ ବା ପୁନରୁତ୍ଥାନ ରବିବାର ପାଳନ କରୁଛନ୍ତି। ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପାଇଁ ଆଜି ଏକ ବିଶେଷ ଦିନ ବୋଲି ବିବେଚନା କରାଯାଇଥାଏ। ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦିବସକୁ ସ୍ମରଣ କରି  ଇଷ୍ଟର ପର୍ବ ପାଳନ କରାଯାଉଛି। ଗୁଡ୍ ଫ୍ରାଇଡେ ବା ଶୁଭ ଶୁକ୍ରବାର ଦିନ କାଲ୍‌ଭାରୀଠାରେ ଯୀଶୁଖ୍ରୀଷ୍ଟଙ୍କୁ କ୍ରୁଶବିଧ କରାଯିବା ପରେ ରବିବାର ଦିନ ତାଙ୍କର ପୁନରୁତ୍ଥାନ ହୋଇଥିଲା। ଏହି ଅବସରରେ ବିଶ୍ୱବ୍ୟାପୀ ଚର୍ଚ୍ଚଗୁଡ଼ିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

## ଓଡ଼ିଆ ପକ୍ଷ

ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ବିଭବକୁ ପ୍ରଚାର  ପ୍ରସାର କରିବା ପାଇଁ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଥିବା 'ଓଡ଼ିଆ ପକ୍ଷ'ର ପଞ୍ଚମ ଦିନରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଓଡ଼ିଆ ଅସ୍ମିତାକୁ ଉଜ୍ଜୀବିତ ରଖିବା ପାଇଁ ଗଣଦୌଡର ଆୟୋଜନ କରାଯାଇଥିଲା। ଗଣଦୌଡ଼ରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବବର୍ଗ ଭାଗ ନେଇଥିଲେ।

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରୁ ଗଣଦୌଡ଼ କାର୍ଯ୍ୟକ୍ରମ ଆରମ୍ଭ ହୋଇ ପର୍ଯ୍ୟଟନସ୍ଥଳି ବି.ଏନ୍. ପ୍ୟାଲେସ୍ ପର୍ଯ୍ୟନ୍ତ ଯାଇଥିଲା। ବିଧାୟକ ରୂପେଶ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଯୋଗଦେଇ ଐତିହ୍ୟ ଓ ଭାଷା ସମ୍ପର୍କରେ

ଜନସାଧାରଣ ଓ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆଜି ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି।

**ନବରଙ୍ଗପୁର** ଜିଲ୍ଲା କ୍ରୀଡା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଗଣଦୌଡ଼ କାର୍ଯ୍ୟକ୍ରମକୁ ବିଧାୟକ ଗୌରୀଶଙ୍କର ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ଛାତ୍ରଛାତ୍ରୀ ନବରଙ୍ଗପୁର ପୌରପାଳିକାଠାରୁ ସ୍ଥାନୀୟ ରାଜା ଚୈତନ୍ୟଦେବ ପଡିଆ ପର୍ଯ୍ୟନ୍ତ ଅନୁଷ୍ଠିତ ଗଣଦୌଡ଼ରେ ସାମିଲ ହୋଇଥିଲେ।

**ଢେଙ୍କାନାଳ** ଜିଲ୍ଲା କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଆୟୋଜିତ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ମିନି ଷ୍ଟାଡିୟମ୍‌ଠାରୁ ଗଣଦୌଡ଼ ଆରମ୍ଭ ହୋଇ ଶ୍ରୀବଳରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ରାଜ୍ୟର କଳା, ସଂସ୍କୃତି, ପରମ୍ପରା ଓ ଭାଷା ସାହିତ୍ୟକୁ ଆଗେଇ ନେଇ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟ ଗଠନରେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ।

## ଓଡ଼ିଆପକ୍ଷ-ଗଣଦୌଡ଼

**ରାୟଗଡ଼ା** ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ କାଳୀମନ୍ଦିର ଛକଠାରୁ ସଦ୍‌ଭାବନା ସ୍ପୋର୍ଟସ୍ ପରିସର ପର୍ଯ୍ୟନ୍ତ ଐତିହ୍ୟ ଗଣଦୌଡର ଆୟୋଜନ କରାଯାଇଥିଲା । ଜିଲ୍ଲା ପରିବହନ କାର୍ଯ୍ୟାଳୟ, ଲାୟନ୍ସ କ୍ଲବ୍‌ର ସହଯୋଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା ।

## ସିଲ୍କସିଟି ମହୋତ୍ସବ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡିଆଠାରେ ଆସନ୍ତାକାଲିଠାରୁ ସିଲ୍କସିଟି ମହୋତ୍ସବ ଆରମ୍ଭ ହେବ । ୭ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ୨୨୦ଟି ଷ୍ଟଲ୍‌ରେ ସ୍ୱଦେଶୀ ସାମଗ୍ରୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ସମେତ ବ୍ରହ୍ମପୁର ସିଲ୍କର ସ୍ୱତନ୍ତ୍ର ବିକ୍ରିବଟା କରାଯିବ । ମେଳାରେ କୃଷିଭିତ୍ତିକ ସାମଗ୍ରୀ ବିକ୍ରୟ ସହିତ ଯୁବଉଦ୍ୟୋଗୀ ଏବଂ ମହିଳାମାନଙ୍କ ପାଇଁ ନୂଆ ରାସ୍ତା ଖୋଲିପାରିବ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ କେ.ଅନୀଲ କୁମାର କହିଛନ୍ତି । ଆସନ୍ତାକାଲିର ଉଦ୍‌ଘାଟନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଜିଲ୍ଲାର ସମସ୍ତ ବିଧାୟକ ଏବଂ ଦୁଇ ସାଂସଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଲକ୍ଷ୍ୟ ନିକେତନ

**ଗଞ୍ଜାମ** ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟଠାରେ ଲକ୍ଷ୍ୟ ନିକେତନ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ହୋଇଯାଇଛି । ଜିଲ୍ଲାରେ ପ୍ରଥମ ଥର ଜିଲ୍ଲା ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ନିକେତନ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତୀୟ ପ୍ରଶାସନିକ ସେବା, ଓଡ଼ିଶା ପ୍ରଶାସନିକ ସେବା ଓ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ନିମିତ୍ତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଜାନୁୟାରୀ ମାସରେ ହୋଇଥିବା ବିଭିନ୍ନ ପରୀକ୍ଷାରେ ୭୦୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କେନ୍ଦ୍ରର ୧୭୦ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଛତ୍ରପୁର ଓ ଭଞ୍ଜନଗରଠାରେ ମଧ୍ୟ ଏଭଳି କେନ୍ଦ୍ର କାର୍ଯ୍ୟକ୍ଷମ କରାଯିବ ବୋଲି ଜିଲ୍ଲାପାଳ ଭି.କିର୍ତ୍ତି ଭାସନ କହିଛନ୍ତି ।

## ପାନୀୟ ଜଳ

**ମାଲକାନଗିରି** ଜିଲ୍ଲା ପ୍ରଶାସନର ତ୍ୱରିତ ପଦକ୍ଷେପ ଯୋଗୁଁ ସତୀଗୁଡ଼ା ଅଂଚଳରେ ପାନୀୟ ଜଳ ସମସ୍ୟାର ସମାଧାନ କରାଯାଇ ୧୦ଟି ସ୍ଥାନରେ ପାଇପ୍ ଯୋଗେ ପାନୀୟ ଜଳ ଉପଲବ୍ଧ କରାଯାଇଛି । ଆଜି ପାଞ୍ଚଟି ଷ୍ଟାଣ୍ଡପୋଷ୍ଟରେ ପାଣି ଛଡାଯାଇଥିବାବେଳେ ଆସନ୍ତାକାଲି ସୁଦ୍ଧା ସମସ୍ତ ୧୦ଟି ପୋଷ୍ଟରେ ପାଣି ପହଞ୍ଚିବା ନେଇ ଜିଲ୍ଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି ।

# ଜାତୀୟ ସାମୁଦ୍ରିକ ଦିବସ

ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ସମୁଦ୍ରର ଭୂମିକା ନେଇ ସଚେତନତା ସୃଷ୍ଟି କରିଲା ଲକ୍ଷ୍ୟରେ ଆଜି ପାଳନ କରାଯାଉଛି 'ଜାତୀୟ ସାମୁଦ୍ରିକ ଦିବସ' । ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ସାମୁଦ୍ରିକ ଭାରତ-

ସଶକ୍ତୀକରଣ ପ୍ରଗତି’। ଭାରତୀୟଙ୍କ ମାଲିକାନାରେ ଥିବା ଏସ୍.ଏସ୍. ଲୟାଲିଟି ଜାହାଜ ମୁମ୍ବାଇରୁ ଲଣ୍ଡନ ପର୍ଯ୍ୟନ୍ତ ପ୍ରଥମ ଜଳଯାତ୍ରାକୁ ସ୍ମରଣ କରି ଆଜି ଦେଶରେ ଏହି ଦିବସ ପାଳନ କରାଯାଉଛି। ୧୯୧୯ ମସିହା ଆଜିର ଦିନରେ ଅନ୍ତର୍ଜାତୀୟ ବାଣିଜ୍ୟ, ଅର୍ଥନୀତି ଏବଂ ସାମୁଦ୍ରିକ କ୍ଷେତ୍ରର ଗୁରୁତ୍ୱ ବହନ କରି ଏସ୍.ଏସ୍. ଲୟାଲିଟି ଜାହାଜ ଜଳଯାତ୍ରା କରିଥିଲା। ଏହି ଜଳଯାତ୍ରା ବାବଦରେ ସାମୁଦ୍ରିକ ଶିଳ୍ପର ଗୁରୁତ୍ୱ ଏବଂ ନାବିକମାନଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରିବା ନେଇ ୧୯୬୪ ମସିହାରୁ ଏହି ଦିବସ ପାଳନ କରାଯାଉଛି। ଦେଶର ୭ ହଜାର ୫୦୦ କିଲୋମିଟର ଉପକୂଳକୁ ଆର୍ଥିକ କ୍ଷେତ୍ରରେ ଅଭିବୃଦ୍ଧି ସହିତ କେନ୍ଦ୍ରସରକାରଙ୍କ ସାଗରମାଳା ଯୋଜନା ଅନ୍ତର୍ଗତ ବନ୍ଦରଗୁଡ଼ିକର ଆଧୁନିକୀକରଣ ଏବଂ ସବୁଜ ଜାହାଜ ପରିବହନ ପଦକ୍ଷେପକୁ ପ୍ରୋତ୍ସାହନ ଦିଆଯାଉଛି। ଦେଶର ମୋଟ୍ ବାଣିଜ୍ୟ ପରିମାଣର ୯୫ ପ୍ରତିଶତ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରୁ ହୋଇଥାଏ। ୨୦୪୭ ମସିହା ସୁଦ୍ଧା ଭାରତ ସାମୁଦ୍ରିକ କ୍ଷେତ୍ରରେ ବୈଶ୍ୱିକ ନେତୃତ୍ୱ ନେବା ପାଇଁ କେନ୍ଦ୍ର ସରକାର ପ୍ରୟାସ ଜାରି ରଖିଛନ୍ତି।

## ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ, କାଳବୈଶାଖୀର ପ୍ରଭାବରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ତାପମାତ୍ରା ୨ ରୁ ୩ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି। କାଳବୈଶାଖୀ ପ୍ରଭାବରେ ଆଜି

ଅପରାହ୍ଣରେ କଟକ ଓ ଭୁବନେଶ୍ୱର ସମେତ ଗଞ୍ଜାମ, ଢେ଼ଙ୍କାନାଳ ଓ ଅନ୍ୟ କେତେକ ଜିଲ୍ଲାରେ ଘଡିଘଡ଼ି ସହିତ ବର୍ଷା ହୋଇଯାଇଛି। ଆସନ୍ତାକାଲି ସୁଦ୍ଧା ରାଜ୍ୟର ସମସ୍ତ ଜିଲ୍ଲାରେ କାଳବୈଶାଖୀର ପ୍ରଭାବରେ ବର୍ଷା ଏବଂ ଝଡ଼ତୋପାନ ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।